# NATIONAL NEWS BULLETIN (ODIA)

## 9 August - 2025

### Morning Bulletin : 7.15 A.M.

*************************************************

## ମୁଖ୍ୟ ସମ୍ବାଦ

- ଉଜ୍ଜ୍ୱଳା ହିତାଧିକାରୀଙ୍କ ଲାଗି ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ରିହାତି ପ୍ରଦାନ ପ୍ରକ୍ରିୟା ପ୍ରସ୍ତାବକୁ କ୍ୟାବିନେଟ୍‌ର ମଞ୍ଜୁରୀ ।
- ଆକାଶବାଣୀରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ୩୪କୋଟି ଟଙ୍କାରୁ ଅଧିକ ରାଜସ୍ୱ ସଂଗ୍ରହ ହୋଇଥିବା ସୂଚନା ।
- ବିଭିନ୍ନ ଦ୍ୱିପକ୍ଷୀୟ ପ୍ରସଙ୍ଗ ନେଇ ରୁଷ୍ ରାଷ୍ଟ୍ରପତିଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।
- ଭାଇ ଓ ଭଉଣୀ ମଧ୍ୟରେ ସ୍ୱତନ୍ତ୍ର ସମ୍ପର୍କର ନିଦର୍ଶନ ସ୍ୱରୂପ ଆଜି ସାରା ଦେଶରେ ପାଳନ କରାଯାଉଛି ରକ୍ଷାବନ୍ଧନ ପର୍ବ ।

ଏବଂ

- ୧୯ବର୍ଷରୁ କମ୍ ଏସୀୟ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ୧୦ ଭାରତୀୟ କ୍ରୀଡ଼ାବିତ୍ ଫାଇନାଲକୁ ଉନ୍ନୀତ ।

# କ୍ୟାବିନେଟ୍ ବ୍ରିଫିଂ

ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା ହିତାଧିକାରୀମାନଙ୍କ ଲାଗି ୨୦୨୫-୨୬ ଆର୍ଥିକ ବର୍ଷ ନିମନ୍ତେ ରିହାତି ପ୍ରଦାନ ପ୍ରକ୍ରିୟା ଜାରି ରହିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଏ ସମ୍ପର୍କିତ ପ୍ରସ୍ତାବକୁ ମଞ୍ଜୁରି ମିଳିଛି । କେନ୍ଦ୍ର କ୍ୟାବିନେଟ୍ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି ଏହି ରିହାତି ବ୍ୟବସ୍ଥା ଲାଗି ସରକାର ୧୨ ହଜାର କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବେ ।

**V/O-1-(ASHWIN-VAISHANV-ON-Ujala Scheme)**

କ୍ୟାବିନେଟ୍‌ର ଅନ୍ୟଏକ ନିଷ୍ପତ୍ତି ଅନୁଯାୟୀ ବିବିଧ କ୍ଷେତ୍ରରେ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ଓ ଗବେଷଣା ବିକାଶ ଲାଗି ୪ ହଜାର ୨୦୦ କୋଟି ଟଙ୍କା ସମ୍ବଳିତ ମେରିଟ୍ ଯୋଜନା କାର୍ଯ୍ୟକାରୀ ହେବ । ଏହି ଯୋଜନାରେ ଦେଶବ୍ୟାପି ସରକାରୀ ଏବଂ ସରକାରୀ ସାହାଯ୍ୟ ପ୍ରାପ୍ତ ୨୭୫ଟି ବୈଷୟିକ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀମାନେ ଲାଭାନ୍ୱିତ ହେବେ ।

କ୍ୟାବିନେଟ୍‌ରେ ଆସାମ ଓ ତ୍ରିପୁରା ଲାଗି କେନ୍ଦ୍ରୀୟ ଯୋଜନା ଅଧୀନରେ ୪ଟି ସ୍ୱତନ୍ତ୍ର ବିକାଶ ପ୍ୟାକେଜ୍ ଏବଂ ତାମିଲନାଡୁର ମାରାକ୍କାନାମ୍‌ରୁ ପୁଡୁଚେରୀ ଯାଇଥିବା ରାଜପଥକୁ ୪ ଲେନ୍ ବିଶିଷ୍ଟ କରିବା ସମ୍ପର୍କିତ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି ।

## ଆର୍‌ଏସ୍‌-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆକାଶବାଣୀରେ ମନ୍ କି ବାତ୍ କାର୍ଯ୍ୟକ୍ରମ ଆରମ୍ଭ ହେବା ପରଠାରୁ ୩୪ କୋଟି ଟଙ୍କାରୁ ଅଧିକ ରାଜସ୍ୱ ସଂଗ୍ରହ ହୋଇଛି । ରାଜ୍ୟସଭାରେ ଗତକାଲି ସୂଚନା ଓ ପ୍ରସାରଣ ରାଷ୍ଟ୍ରମନ୍ତ୍ରୀ ଡକ୍ଟର ଏଲ୍. ମୁରୁଗାନ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଏହି କାର୍ଯ୍ୟକ୍ରମ ଜରିଆରେ ପ୍ରଧାନମନ୍ତ୍ରୀ ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ଓ ନବସୃଜନ କ୍ଷେତ୍ରରେ ପ୍ରଭାବଶାଳୀ ଢ଼ଙ୍ଗରେ କାର୍ଯ୍ୟ କରୁଥିବା ଭାରତୀୟମାନଙ୍କ ପ୍ରେରଣାଦାୟୀ କାହାଣୀକୁ ଉପସ୍ଥାପନ କରିଥାନ୍ତି । ଶ୍ରୀ ମୁରୁଗାନ୍ କହିଛନ୍ତି ଏହି କାର୍ଯ୍ୟକ୍ରମକୁ ଜାତୀୟ ଏବଂ ଆଞ୍ଚଳିକ ନେଟଓ୍ୱର୍କରେ ପ୍ରସାରଣ କରାଯାଇଥାଏ । ୟୁ-ଟ୍ୟୁବ୍ ଏବଂ ଓଟିଟି ସମେତ ଡିଜିଟାଲ ପ୍ଲାଟଫର୍ମରେ ପ୍ରଧାନମନ୍ତ୍ରୀଙ୍କ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଦର୍ଶକ ଏବଂ ଶ୍ରୋତାଙ୍କ ଯୋଗଦାନ ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି ବୋଲି ଶ୍ରୀ ମୁରଗାନ କହିଛନ୍ତି ।

## ପିଏମ୍‌-ପୁଟିନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ  ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍‌ଙ୍କ ସହିତ ବିଭିନ୍ନ ଦ୍ୱିପକ୍ଷିୟ ତଥା ସ୍ୱାର୍ଥ ଜଡ଼ିତ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା କରିଛନ୍ତି । ଭାରତ-ରୁଷ ସ୍ୱତନ୍ତ୍ର ରଣନୈତିକ ଭାଗିଦାରୀକୁ ଅଧିକ ସଶକ୍ତ

କରିବା ଲାଗି ଦୁଇ ନେତା ସହମତ ହୋଇଥିବା ଜଣାପଡିଛି । ସାମାଜିକ ଗଣମାଧ୍ୟମରେ ଶ୍ରୀ ମୋଦୀ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ଉଭୟ ନେତା ଭାରତ ଓ ରୁଷ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ରହିଥିବା ଦ୍ୱିପକ୍ଷିୟ ସମ୍ପର୍କର ଅଗ୍ରଗତି ଉପରେ ସମୀକ୍ଷା କରିଛନ୍ତି । ୟୁକ୍ରେନ୍ ସମ୍ବନ୍ଧିତ ତାଜା ସ୍ଥିତି ସମ୍ପର୍କରେ ଶ୍ରୀ ପୁତିନ୍ ତାଙ୍କୁ ଅବଗତ କରାଇଥିବାରୁ ଶ୍ରୀ ମୋଦୀ ଧନ୍ୟବାଦ ଦେଇଛନ୍ତି । ରୁଷ୍ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ବିବାଦର ଶାନ୍ତିପୂର୍ଣ୍ଣ ସମାଧାନକୁ ଭାରତ ସବୁବେଳେ ଗୁରୁତ୍ୱ ଦେଇଆସିଛି ବୋଲି ଶ୍ରୀ ମୋଦୀ କହିଛନ୍ତି । ଚଳିତ ବର୍ଷ ଶେଷ ଭାଗରେ ଅନୁଷ୍ଠିତ ହେବାକୁ ଥିବା ୨୩ତମ ଭାରତ-ରୁଷ ବାର୍ଷିକୀ ସମ୍ମିଳନୀରେ ଯୋଗଦେବା ଲାଗି ଶ୍ରୀ ମୋଦୀ ଏହି ଅବସରରେ ରାଷ୍ଟ୍ରପତି ପୁତିନ୍‌ଙ୍କୁ ଭାରତ ଆସିବାକୁ ନିମନ୍ତ୍ରଣ କରିଛନ୍ତି ।

**V/O (Baishnabi)**

## ଚୀନ୍-ଇଣ୍ଡିଆ ଏସ୍‌ସିଓ ମିଟିଂ

ଚଳିତ ମାସ ୩୧ ତାରିଖରୁ ଚୀନ୍‌ର ତିଆନ୍‌ଜିନ୍ ଠାରେ ଅନୁଷ୍ଠିତ ହେବାକୁ ଥିବା ସାଂଘାଇ ସହଯୋଗ ସଂଗଠନ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯୋଗଦେବେ । ଏହି ଦୁଇଦିନିଆ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ଯୋଗଦାନକୁ ଚୀନ୍ ସ୍ୱାଗତ କରିଛି । ଚୀନ୍ ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଗୋ ଜିଆକୁନ୍ କହିଛନ୍ତି, ୨୦ରୁ ଊର୍ଦ୍ଧ୍ୱ ରାଷ୍ଟ୍ରର ଏହି ସମ୍ମିଳନୀରେ ଯୋଗଦାନ ହେଉଛି ବନ୍ଧୁତ୍ୱ, ଏକତା ଓ ଦୃଢ଼ତାର ପ୍ରତିଫଳନ ।

ସୂଚନାଯୋଗ୍ୟ ୨୦୦୧ ମସିହା ଜୁନ୍ ୧୫ ତାରିଖରେ ସାଂଘାଇ ଠାରେ ଏହି ସ୍ଥାୟୀ ଆନ୍ତ ସରକାରୀ ଆର୍ନ୍ତାତିକ ସଂଗଠନ ପ୍ରତିଷ୍ଠା କରାଯାଇଥିଲା । ଏଥିରେ ଭାରତ, ଇରାନ୍, କାଜାକାସ୍ତାନ, ଚୀନ୍, କିର୍‌ଗିଜ୍‌ସ୍ତାନ, ପାକିସ୍ତାନ, ରୁଷ, ତାଜିକିସ୍ତାନ, ଉଜ୍‌ବେକିସ୍ତାନ ଓ ବେଲାରୁଷ ସଦସ୍ୟ ଅଛନ୍ତି ।

## ରକ୍ଷାବନ୍ଧନ

ଭାଇ ଓ ଭଉଣୀ ମଧ୍ୟରେ ସ୍ୱତନ୍ତ୍ର ସମ୍ପର୍କର ନିଦର୍ଶନ ସ୍ୱରୂପ ଆଜି ସାରା ଦେଶରେ ରକ୍ଷାବନ୍ଧନ ପର୍ବ ପାଳନ କରାଯାଉଛି । ଏହି ଅବସରରେ ଭଉଣୀମାନେ ସେମାନଙ୍କ ଭାଇ ହାତରେ ରାଖି ବାନ୍ଧି ସେମାନଙ୍କ ସମୃଦ୍ଧି, ଉତ୍ତମ ସ୍ୱାସ୍ଥ୍ୟ ଓ ମଙ୍ଗଳ ପାଇଁ ପ୍ରାର୍ଥନା କରିଥାନ୍ତି । ପ୍ରତିବଦଳରେ ଭାଇମାନେ ଭଉଣୀମାନଙ୍କ ସୁରକ୍ଷା ପାଇଁ ପ୍ରତିଜ୍ଞା କରିଥାନ୍ତି । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ରକ୍ଷାବନ୍ଧନ ଅବସରରେ ଦେଶବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି । ରାଷ୍ଟ୍ରପତି କହିଛନ୍ତି ପବିତ୍ର ରକ୍ଷାବନ୍ଧନ ପର୍ବ ଭାଇ ଓ ଭଉଣୀଙ୍କ ମଧ୍ୟରେ ପ୍ରେମ ଓ ବିଶ୍ୱାସର ଅନନ୍ୟ ବନ୍ଧନକୁ ସୂଚିତ କରିଥାଏ । ସେ କହିଛନ୍ତି ଏହି ପର୍ବ ସମାଜରେ ସଦ୍‌ଭାବନା ଓ ଏକତାର ଭାବକୁ ପ୍ରୋତ୍ସାହିତ କରେ । ଭାରତର ସମୃଦ୍ଧ ସାଂସ୍କୃତିକ ଐତିହ୍ୟ ଓ ନୈତିକ ମୂଲ୍ୟବୋଧକୁ ସଂରକ୍ଷଣ କରି ମହିଳାଙ୍କ ଅଧିକାରକୁ ସୁରକ୍ଷା ଓ ସମ୍ମାନ ଦେବା ଆଜିର ପର୍ବର ମୁଖ୍ୟ ଉଦ୍ଦେଶ୍ୟ ବୋଲି ରାଷ୍ଟ୍ରପତି କହିଛନ୍ତି । କେନ୍ଦ୍ର କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ ଶିବରାଜ ସିଂହ

ଚୌହ୍ୱାନ ଦେଶର ମହିଳାମାନଙ୍କୁ ଏହି ଅବସରରେ ଦେଶରେ ଉତ୍ପାଦିତ ଦ୍ରବ୍ୟର ବ୍ୟବହାର କରିବା ଲାଗି ଆହ୍ୱାନ ଦେଇଛନ୍ତି ।

**V/O (Shivraj Singh Chouhan)**

## ରେଲୱେ ଟ୍ରାଏଲ ରନ୍

ଭାରତୀୟ ରେଲବାଇ ଏସିଆର ସର୍ବବୃହତ୍ ୪ ଦଶମିକ ୪ କିଲୋମିଟର ଲମ୍ୱ ମାଲବାହୀ ଟ୍ରେନ୍ 'ରୁଦ୍ରାସ୍ତ୍ର'ର ସଫଳ ପରୀକ୍ଷାମୂଳକ ପରିଚାଳନା କରି ନୂତନ ମାଇଲଖୁଣ୍ଟ ହାସଲ କରିଛି । ଉତ୍ତରପ୍ରଦେଶର ଚନ୍ଦୌଲିର ଗଞ୍ଜଖ୍ୱାଜା ରେଳଷ୍ଟେସନରୁ ଝାଡ଼ଖଣ୍ଡର ଗଡୱା ପର୍ଯ୍ୟନ୍ତ ୫ଘଣ୍ଟା ୧୦ ମିନିଟ୍‌ରେ ରୁଦ୍ରାସ୍ତ୍ର ଟ୍ରେନ୍ ୨୦୯ କିଲୋମିଟର ଦୂରତା ଅତିକ୍ରମ କରିଥିଲା । ଘଣ୍ଟାପ୍ରତି ୪୦ କିଲୋମିଟରରୁ ଅଧିକ ବେଗରେ ଏହି ମାଲବାହୀ ଟ୍ରେନ୍ ଗତି କରିଥିଲା । ରେଳମନ୍ତ୍ରୀ  ଅଶ୍ୱିନୀ ବୈଷ୍ଣବ ରୁଦ୍ରାସ୍ତ୍ରର ପରୀକ୍ଷାମୂଳକ ପ୍ରଦର୍ଶନର ଏକ ଭିଡ଼ିଓ ଜାରିକରି କହିଛନ୍ତି ମାଲ ପରିବହନ ଏବଂ ଲୋଡିଂ କ୍ଷେତ୍ରରେ ଏହା ଭାରତର ସବୁଠାରୁ ଲମ୍ୱା ମାଲବାହୀ ଟ୍ରେନ୍ । ଏଥିରେ ୩୪୫ଟି ୱାଗନ ଥିବାବେଳେ ପ୍ରତ୍ୟେକ ୱାଗନରେ ୭୨ଟନ୍ ସାମଗ୍ରୀ ଲୋଡ କରାଯାଇଥିଲା । ମୋଟ ୭ଟି ଇଞ୍ଜିନ୍ ବ୍ୟବହାର କରାଯାଇଥିବା ଶ୍ରୀ ବୈଷ୍ଣବ ସୂଚନା ଦେଇଛନ୍ତି ।

## ପାକିସ୍ତାନ କ୍ରିଟିସିଜିମ ଏଚ୍ଆର୍ସି

ବଲୁଚିସ୍ତାନରେ ଇଣ୍ଟରନେଟ୍ ଏବଂ ମୋବାଇଲ ଫୋନ୍ ସେବା ବନ୍ଦ କରିବା ପଦକ୍ଷେପକୁ ପାକିସ୍ତାନର ମାନବାଧିକାର ପରିଷଦ ନିନ୍ଦା କରିଛି । ଏହା ମୌଳିକ ମାନବାଧିକାରର ଘୋର ଉଲ୍ଲଙ୍ଘନ ବୋଲି ପରିଷଦ କହିଛି । ଏକ ବିବୃତ୍ତିରେ ପରିଷଦ କହିଛି ଯେ ବେଲୁଚିସ୍ତାନ ସରକାରଙ୍କ ଦ୍ୱାରା ମୋବାଇଲ ୩ଜି ଏବଂ ୪ଜି ସେବା ଓ ଇଣ୍ଟରନେଟ୍ ସେବା ବନ୍ଦ କରିବା ନିଷ୍ପତ୍ତି ଲକ୍ଷଲକ୍ଷ ନାଗରିକଙ୍କ ଅଧିକାରକୁ କୁଠାରାଘାତ କରୁଛି । ଏହି ନିଷ୍ପତ୍ତି ଯୋଗୁଁ ଯୋଗାଯୋଗର ଅଧିକାର, ଅଭିବ୍ୟକ୍ତିର ସ୍ୱାଧୀନତା, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିଯୁକ୍ତି ଭଳି ମୌଳିକ ଅଧିକାର ପାଇବାରୁ ନାଗରିକ ମାନଙ୍କୁ ବଞ୍ଚିତ କରାଯାଉଛି ବୋଲି ପରିଷଦ ପକ୍ଷରୁ କୁହାଯାଇଛି ।

## ଟ୍ରମ୍ପ-ପୁଟିନ ମିଟିଂ

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କହିଛନ୍ତି ଆସନ୍ତା ଅଗଷ୍ଟ ୧୫ରେ ସେ ଆଲାସ୍କାରେ ରୁଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା କରିବେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ସେ କହିଛନ୍ତି ୟୁକ୍ରେନ୍‌ରେ ଯୁଦ୍ଧ ସମାପ୍ତ କରିବା ପାଇଁ ପଦକ୍ଷେପ ସ୍ୱରୂପ ଏହି ଆଲୋଚନା ହେବ । ଗତ ଜାନୁଆରୀ ମାସରେ ହ୍ୱାଇଟ୍ ହାଉସ୍‌କୁ ଫେରିବା ପରେ ଟ୍ରମ୍ପ ଏବଂ ପୁଟିନଙ୍କ ମଧ୍ୟରେ ଏହା

ପ୍ରଥମ ମୁହାଁମୁହିଁ ଆଲୋଚନା ହେବ । ଶେଷଥର ପାଇଁ ୨୦୧୫ ସେପ୍ଟେମ୍ବରରେ ରୁଷର ନେତାଙ୍କ ସହ ପୂର୍ବତନ ରାଷ୍ଟ୍ରପତି ବାରାକ ଓବାମା ଜାତିସଂଘ ସାଧାରଣ ସଭାରେ ନ୍ୟୁୟର୍କରେ ଆଲୋଚନା କରିଥିଲେ ।

# ଡୁରାଣ୍ଡ କପ୍

ଡୁରାଣ୍ଡ କପ୍‌ରେ ଗତକାଲି ଅନୁଷ୍ଠିତ ମ୍ୟାଚ୍‌ରେ ନର୍ଥ ଇଷ୍ଟ ୟୁନାଇଟେଡ୍ ଫୁଟବଲ କପ୍ ଗ୍ରୁପ୍-ଇର ଏକ ମ୍ୟାଚ୍‌ରେ ୨-୧ ଗୋଲରେ ସିଲଂ ଲାଜୋଙ୍ଗକୁ ପରାସ୍ତ କରିଛି । ଖେଳର ପ୍ରଥମାର୍ଦ୍ଧରେ ନର୍ଥ ଇଷ୍ଟ ୧-୦ରେ ଆଗୁଆ ରହିଥିବାବେଳେ ଦ୍ୱିତୀୟାର୍ଦ୍ଧରେ ଉଭୟ ଦଳ ଗୋଟିଏ ଲେଖାଏଁ ଗୋଲ କରିବାକୁ ସମର୍ଥ ହୋଇଥିଲେ । ଏହି ବିଜୟ ହାସଲ ସହ ନର୍ଥ ଇଷ୍ଟ ଗ୍ରୁପ୍-ଇ'ର ଶୀର୍ଷକୁ ଉନ୍ନୀତ ହୋଇଛି ।

ଅନ୍ୟପକ୍ଷରେ ୧୯ବର୍ଷରୁ କମ୍ ଏସୀୟ ମୁଷ୍ଟିଯୋଦ୍ଧା ପ୍ରତିଯୋଗିତାରେ ୭ଜଣ ମହିଳାଙ୍କ ସମେତ ୧୦ଜଣ ଭାରତୀୟ ମୁଷ୍ଟିଯୋଦ୍ଧା ସେମିଫାଇନାଲରେ ବିଜୟହାସଲ କରିଛନ୍ତି । ମହିଳା ମୁଷ୍ଟିଯୋଦ୍ଧା ନିଶା ୫୪ କିଲୋଗ୍ରାମ ବର୍ଗରେ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିବାବେଳେ ୫୭ କିଲୋଗ୍ରାମ ବର୍ଗରେ ମୁସ୍କାନ, ୬୦ କିଲୋଗ୍ରାମ ବର୍ଗରେ ବିନି, ୬୫ କିଲୋଗ୍ରାମ ବର୍ଗରେ ନିଶା, ୭୫ କିଲୋଗ୍ରାମ ବର୍ଗରେ ଆରତୀ କୁମାରୀ, ୮୦ରୁ ଅଧିକ କିଲୋଗ୍ରାମ ବର୍ଗରେ ପାରଚୀ ଟୋକାସ ଏବଂ ପୁରୁଷ ପ୍ରତିଯୋଗିତାରେ ୬୫ କିଲୋଗ୍ରାମ

ବର୍ଗରେ ମୌସମ ସୁହାଗ, ୭୫ କିଲୋଗ୍ରାମ ବର୍ଗରେ ରାହୁଲ କୁଣ୍ଡୁ ଏବଂ ୯୦ କିଲୋଗ୍ରାମ ବର୍ଗରେ ହେମନ୍ତ ସାଙ୍ଗଓ୍ୱାନ ଫାଇନାଲକୁ ଉନ୍ନୀତ ହୋଇଛନ୍ତି । ୮୦ କିଲୋଗ୍ରାମ ବର୍ଗରେ କୃତିକା ସିଧାସଳଖ ଫାଇନାଲରେ ପ୍ରବେଶ କରିଛନ୍ତି ।